## ଜୁଆ ଆଡ୍ଡାରୁ ୪ ଧରାପଡ଼ିଲେ

ଗୋପାଳପୁର,(ନବୀନ ରାଜ ଆଚାରୀ): ରବିବାର ସନ୍ଧ୍ୟାରେ ଗୋପାଳପୁର ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲା। ରାମଚନ୍ଦ୍ରପୁର ଗ୍ରାମରେ ଚଣ୍ଡୀ ମନ୍ଦିର ନିକଟରେ ଏକ ଜୁଆ ଆଡ୍ଡା ଚାଲୁଥିବା ବେଳେ ଖବର ପାଇ ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ଚଢ଼ାଉ କରିଥିଲେ। କିଛି ଜୁଆଡ଼ି ଚମ୍ପଟ ମାରିଥିବା ବେଳେ ୪ ଧରାପଡ଼ିଥିଲେ। ସେମାନଙ୍କଠାରୁ ଚାରୋଟି ମୋବାଇଲ, ତାସ ସାମଗ୍ରୀ ଓ ୧୦ ହଜାର ୫୦୦ ଟଙ୍କା ଜବତ କରିଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ମାମଲା ନଂ. ୨୭୯/୨୩ ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ସଂକ୍ଷେପରେ

## ମା'-ପୁଅଙ୍କୁ ଆକ୍ରମଣ, ଯୁବକ ଗିରଫ

ବ୍ରହ୍ମପୁର,୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ଏକ ଅପାର୍ଟମେଣ୍ଟରେ ରହୁଥିବା ଜଣେ ମହିଳାଙ୍କୁ ଅସଦାଚାରଣ କରିବା ସହ ତାଙ୍କୁ ଓ ପୁଅଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଶେଖ ବାବୁ(୨୨)। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ନିର୍ଦ୍ଦେଶରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଜୀବ ଆବାସ ଆପାର୍ଟମେଣ୍ଟରେ ରହୁଥିବା ପି. କାର୍ତ୍ତିକଙ୍କୁ ଶନିବାର ସନ୍ଧ୍ୟାରେ ଶେଖ ବାବୁ ଆକ୍ରମଣ କରିଥିଲେ। କାର୍ତ୍ତିକଙ୍କ ମା' ସେଠାକୁ ଆସି ପୁଅକୁ କାହିଁକି ଆକ୍ରମଣ କରୁଛ ବୋଲି ପଚାରିଥିଲେ। ଶେଖ ବାବୁ ତାଙ୍କୁ ପ୍ରଥମେ ଟଣାଓଟରା କରିଥିଲେ। ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ତଳେ ପକାଇ ଆକ୍ରମଣ କରିଥିଲେ। ମା'ପୁଅଙ୍କ ଚିତ୍କାର ଶୁଣି ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ଲୋକେ ଘଟଣା ସ୍ଥଳକୁ ଆସିଯିବାରୁ ସେ ସେଠାରୁ ଦୌଡ଼ି ପଳାଇଥିଲେ। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। କାର୍ତ୍ତିକଙ୍କ ବାପା ପି. ଲୋକନାଥ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୧୧/୨୨ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ପୋଲିସ ସନ୍ଦେହ କରୁଛି।

## ଧରାକୋଟରେ ଡିଗ୍ରୀ କଲେଜ କାର୍ଯ୍ୟକ୍ଷମ ପାଇଁ ବୈଠକ

ଧରାକୋଟ,୬।୮(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପତ୍ରସଂଖ୍ୟା-୩୨୪୦୨, ତା୨।୮।୨୩ରିଖରେ ପ୍ରକାଶିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକର ନିଷ୍ପତ୍ତିକ୍ରମେ ଧରାକୋଟଠାରେ ଏକ ନୂତନ ସ୍ନାତକ ମହାବିଦ୍ୟାଳୟ ଖୋଲାଯିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ହିଞ୍ଜିଳିକାଟୁସ୍ଥିତ ଋଷିକୂଲ୍ୟା ଶିକ୍ଷା ଗବେଷଣା ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆବେଦନ କରାଯାଇଥିବା ପତ୍ର ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଏଠାରେ ଓଡ଼ିଆ ସମ୍ମାନ ବିଷୟରେ ୬୪ ଆସନ ଏବଂ ଶିକ୍ଷା ଓ ରାଜନୀତି ବିଜ୍ଞାନ ସମ୍ମାନ ବିଷୟରେ ୩୨ ଲେଖାଏ ସର୍ବମୋଟ ୧୨୮ ଆସନର ବ୍ୟବସ୍ଥା ରହିଛି । ରବିବାର ଡିଗ୍ରୀ କଲେଜ କାର୍ଯ୍ୟକ୍ଷମ ହେବା ନେଇ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କର ଏକ ବୈଠକ ଧରାକୋଟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ରୟାଲ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି, ଛାତ୍ରୀଛାତ୍ରମାନଙ୍କ ନାମଲେଖା ଆରମ୍ଭ, ସ୍ଥାୟୀ କୋଠା ସହ ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଋଷିକୂଲ୍ୟା ଟ୍ରଷ୍ଟର ଅଧକ୍ଷ ହିମାଂଶୁ ଶେଖର ମିଶ୍ର ଓ ସମ୍ପାଦିକା ମାମିନୀ ବାଡ଼ତ୍ୟା ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉପ-ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ, ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଓ ରାଜ୍ୟ ସରକାର, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ୨ ହଜାର ନୋଟ ବଦଳାଇବା ନାଁରେ ଠକେଇ

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢୀ)/ସୋନପୁର(ମୃତ୍ୟୁଞ୍ଜୟ ଶତପଥୀ),୬।୮

- ବ୍ରହ୍ମପୁର, ପଲାସାରୁ ୨ ଜଣଙ୍କୁ ଉଠାଇନେଲା ସୋନପୁର ପୋଲିସ
- ୧୨.୮୮ ଲକ୍ଷ ଟଙ୍କା, କାର୍ ଜବତ

୨୦ ଲକ୍ଷ ଟଙ୍କାର ୨ହଜାର ନୋଟ ବଦଳାଇବା ନାଁରେ ଠକେଇ ହୋଇଛି। ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ପୋଲିସ ଏହି ଘଟଣାରେ ଗତ ୨ ତାରିଖରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶନିବାର ମୁଖ୍ୟ ୨ ଅଭିଯୁକ୍ତ ବ୍ରହ୍ମପୁର କାମ୍ପ ସାହିର ବି.ତ୍ରିନାଥ ରାଓ ଓ ଆନ୍ଧ୍ରପ୍ରଦେଶର ପଲାସା ଥାନା କାଶିବୁଗା ଗ୍ରାମରୁ ଏ.ସନ୍ତୋଷଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୨ ଲକ୍ଷ ୮୮ ହଜାର ଟଙ୍କା ଓ ଏକ ସ୍କର୍ପିଓ ଜବତ ହୋଇଛି । ଗିରଫ ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ୍ କରାଯିବ ବୋଲି ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ରବିବାର ସୋନପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ସୋନପୁର ଥାନା ବଡ଼ବଜାର ଅଞ୍ଚଳର ରାଜେଶ କୁମାର ମେହେରଙ୍କୁ ତାଙ୍କର ଜଣେ ସାଙ୍ଗ ଫୋନ୍ କରି ଏକ ଲକ୍ଷ ଟଙ୍କାର ୫ଶହ ଟଙ୍କିଆ ନୋଟ୍ ଦେଲେ ୧ଲକ୍ଷ ୨୫ହଜାର ଟଙ୍କାର ୨ହଜାର ଟଙ୍କିଆ ନୋଟ୍ ମିଳିବ ବୋଲି କହିଥିଲେ। ହ୍ୱାଟସ୍ ଆପରେ ସେ ଭିଡ଼ିଓ ପଠାଇବାକୁ କହିଥିଲେ। ସାଙ୍ଗ ୨ହଜାର ଟଙ୍କିଆ ନୋଟ୍ ହ୍ୱାଟସ୍ ଆପରେ ପଠାଇଥିଲେ। ଭିଡ଼ିଓରେ ଟଙ୍କା ଦେଖିବା ପରେ ସେ ୫ଶହ ଟଙ୍କିଆ ନୋଟ୍ ଯୋଗାଡ଼ କରିଥିଲେ। ସେ ଓ ତାଙ୍କ ସାଙ୍ଗର ମୋଟ ୨୦ଲକ୍ଷ ଯୋଗାଡ଼ କରି କିଛି ଲୋକଙ୍କ ସହ ଡିଲ୍ କରିଥିଲେ। ୨୦ଲକ୍ଷ ଟଙ୍କା ନେଇ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ କିଛି ଦୂରରେ ଜଗି ରହିଥିବା ବେଳେ ଗୋଟିଏ ସ୍କର୍ପିଓ ଗାଡ଼ିରେ କିଛି ଲୋକ ଆସିଥିଲେ। ରାଜେଶଙ୍କ ଠାରୁ ୨୦ଲକ୍ଷ ଟଙ୍କା ସହ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିଲେ ଏବଂ ଏହା ବଦଳରେ ଆଉ ୨ହଜାର ଟଙ୍କିଆ ନୋଟ୍ ତାଙ୍କୁ ଦେଇ ନ ଥିଲେ। ଘଟଣାକୁ ନେଇ ରାଜେଶ ସୋନପୁର ଥାନାରେ ଅଭିଯୋଗ କରଥିଲେ। ଏ ନେଇ ସୋନପୁର ଥାନାରେ ୧୮୧/୨୩ରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ସୋନପୁର ଅଞ୍ଚଳର ୩ ଯୁବକଙ୍କୁ ଗିରଫ କରିବା ପରେ ପୋଲିସ ବ୍ରହ୍ମପୁର ଓ ଆନ୍ଧ୍ରପ୍ରଦେଶର ପଲସାରେ ରହୁଥିବା ଆଉ ୨ ଅଭିଯୁକ୍ତଙ୍କ ସଂପର୍କରେ ସୂଚନା ପାଇଥିଲା। ସେମାନଙ୍କୁ ଗିରଫ କରିବା ପରେ ପ୍ରାୟ ୧୩ଲକ୍ଷ ଟଙ୍କା ସହ ସ୍କର୍ପିଓ (ଓଆର ୦୨ ବିଡବ୍ଲ୍ୟୁ-୧୦୦୦) ଜବତ ହୋଇଥିବା ସୂଚନା ମିଳିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଅବିନାଶ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଶମ ସହରରେ ବନ୍ଧୁତ୍ୱ ଦିବସ

### ପାର୍କ, ବେଳାଭୂମି, ମଲ୍‌ରେ ଯୁବପିଢ଼ିଙ୍କ ଭିଡ଼

ବ୍ରହ୍ମପୁର,୬।୮(ତନୁଶ୍ରୀ ନାହାକ)

ରେଶମ ସହର ବ୍ରହ୍ମପୁରରେ ରବିବାର ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ଏହାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଥିଲା। ପୂର୍ବରୁ ବନ୍ଧୁତ୍ୱ ଦିବସ (ଫ୍ରେଣ୍ଡଶିପ ଡ଼େ')ରେ ଫ୍ରେଣ୍ଡଶିପ ବ୍ୟାଣ୍ଡ ବାନ୍ଧିବା ସହ ବନ୍ଧୁଙ୍କୁ ନେଇ ସୁନ୍ଦର ବାର୍ତ୍ତା ଲେଖାଥିବା କାର୍ଡ଼, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ଏହି ଦିବସ ପାଳନ କରାଯାଉଥିଲା। ଏବେ ବିଭିନ୍ନ ସୋସିଆଲ ମିଡ଼ିଆ ଏହାର ସ୍ଥାନ ନେଇଛି। ବଜାରରେ ଅଳ୍ପ କିଛି ସିଜନାଲ ଷ୍ଟୋରରେ ଫ୍ରେଣ୍ଡଶିପ ବ୍ୟାଣ୍ଡ ବିକ୍ରି ହେଉଛି। ଏସବୁ କୋଲକତାରୁ ଆସୁଥିବା ଅନ୍ନପୂର୍ଣ୍ଣ ବଜାରରେ ସିଜନାଲ ଷ୍ଟୋର ବ୍ୟବସାୟୀ ସୁସିଲ କୁମାର କହିଛନ୍ତି। ବନ୍ଧୁତ୍ୱ ଦିବସ ପାଇଁ ରବିବାର ସହରର ବିଭିନ୍ନ କଫିସଫ, ସପିଂ ମଲ, ରେଷ୍ଟୁରାଣ୍ଟ, ବିଭିନ୍ନ ପାର୍କ, ଗୋପାଳପୁର ବେଳାଭୂମି ଆଦିର ଯୁବପିଢ଼ିଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଡ଼ିଜେ ନାଇଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସହରର ନାମିଦାମୀ କଣ୍ଠଶିଳ୍ପୀ ମାନେ ଯୋଗ ଦେଇଥିଲେ।



ଫ୍ରେଣ୍ଡଶିପ ବ୍ୟାଣ୍ଡ ବାନ୍ଧୁଛନ୍ତି ଯୁବତୀ।

## ଏମ୍‌କେସିଜି ମେଡିକାଲ କଲେଜକୁ ଶରୀର ଦାନ

ବ୍ରହ୍ମପୁର,୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ପାରଳାଖେମୁଣ୍ଡି ଏସ୍‌କେସିଜି କଲେଜର ଗଣିତ ବିଭାଗର ସହକାରୀ ପ୍ରଫେସର ଡ. ଅଶ୍ୱିନୀ ରାଉତଙ୍କ ମା' ଚନ୍ଦ୍ର ରାଉତ(୭୩)ଙ୍କ ରବିବାର ସ୍ଥାନୀୟ ଗୌତମନଗରସ୍ଥିତ ବାସଭବନରେ ହୃଦଘାତରେ ମୃତ୍ୟୁ ଘଟିଥିଲା। ପରିବାରବର୍ଗଙ୍କ ନିଷ୍ପତ୍ତିକ୍ରମେ ତାଙ୍କର ମରଶରୀର ଗବେଷଣା ଓ ଡାକ୍ତରୀ ଛାତ୍ରଙ୍କ ପାଠପଢ଼ା ପାଇଁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଦାନ କରାଯାଇଛି। ଶରୀରଦାନ ସମୟରେ ଏମକେସିଜି ମେଡିକାଲ କଲେଜର ଆନାଟୋମି ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ସାଗର ପୃଷ୍ଟି ଓ ଅନ୍ୟ ଅଧ୍ୟାପକ, ଡାକ୍ତର ଉପସ୍ଥିତ ଥିଲେ। ସେହିପରି ସ୍ୱର୍ଗତା ଚନ୍ଦ୍ରଙ୍କ ଦୁଇପୁଅ କୋରା ରାଉତ ଓ ଅଶ୍ୱିନୀ, ନାତି ଆଲୋକ ରାଉତ, ଅଶୋକ ସ୍ୱାଇଁ, ସମୀର ଶିଅ, ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ରାଉତ, ସୁନୀଲ ରାଉତ, ସୀମାଞ୍ଚଳ ପ୍ରଧାନ, କ୍ୱାଇଁ ଟୁନା ଶିଅ, ଚିତ୍ରସେନ ରାଉତ, ଭାଗୀରଥି ସେଠୀ, ଅଙ୍ଗଦ ପ୍ରଧାନ, ସୁମନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବବାଦୀ ହେତୁବାଦୀ ସଂଗଠନର ଗଞ୍ଜାମ ଜିଲା ସଭାପତି ଇ.ଟି.ରାଓ, ଜାମୁଲା ସୁରେଶ, ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶ୍ରମିକ ନେତା ପ୍ରତାପ ପ୍ରଧାନ, ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା, ସାମାଜିକ କର୍ମୀ ଲକ୍ଷ୍ମୀନୃସିଂହ ରଥ, ରଜନୀକାନ୍ତ ବକ୍ସି, ରମାକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## କବିସୂର୍ଯ୍ୟନଗରରେ ନିର୍ମାଣ ହେବ ସାମ୍ବାଦିକ ଭବନ

କବିସୂର୍ଯ୍ୟନଗର, ୬।୮(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ସାମ୍ବାଦିକ ଭବନ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର କରିଥିବା ଜଣାଯାଇଛି। କବିସୂର୍ଯ୍ୟନଗର ବାସୀଙ୍କ ପ୍ରସ୍ତାବ ସହ କବିସୂର୍ଯ୍ୟନଗରର ସମସ୍ତ ଖବରଦାତାଙ୍କ ଅନୁରୋଧ କ୍ରମେ ରବିବାର ବିଧାୟିକା ସାମ୍ବାଦିକ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ତଥା ବିଧାୟିକା ପ୍ରତିନିଧି ମନୋରଞ୍ଜନ ମହାପାତ୍ର, ଅଧିକାରୀ ପ୍ରସନ୍ନ କୁମାର ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଖବରଦାତା ନାରାୟଣୀ ପ୍ରସାଦ ମିଶ୍ର, କୃପାସିନ୍ଧୁ ସ୍ୱାଇଁ, ସରୋଜ କୁମାର ମିଶ୍ର, ପୀତବାସ ଦାସ ଅଜିତ କୁମାର ଦାସ, ଗଣେଶ ଡାକୁଆ, ପ୍ରତାପ କୁମାର ମହାନ୍ତି , କୃଷ୍ଣ ଚନ୍ଦ୍ର ନାହାକ, ରାମଚନ୍ଦ୍ର ଡାକୁଆ, ସନ୍ତୋଷ ସ୍ୱାଇଁ ପ୍ରମୁଖ ସମସ୍ତ ଖବରଦାତା ଉପସ୍ଥିତ ରହି ବିଧାୟିକାଙ୍କୁ ସାଧୁବାଦ ଜଣାଇଥିଲେ।

# ଯୁବକଙ୍କୁ ଅପହରଣ, ୧୨ ଲକ୍ଷ ନ ଦେଲେ ହତ୍ୟା ଧମକ

### ୬ ଅପହରଣକାରୀ ଗିରଫ, କାର୍ ଜବତ



ଗିରଫ ଅଭିଯୁକ୍ତ।

ବ୍ରହ୍ମପୁର,୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦ ବିହାରର ସମ୍ଭବ ବିଷୋୟୀ ନାମକ ଜଣେ ଯୁବକଙ୍କୁ ଅପହରଣ କରି ନିଆଯାଇଥିଲା। ଅପହରଣକାରୀ ଯୁବକମାନେ ତାଙ୍କୁ ପୋଲସରାରେ ଥିବା ଏକ କ୍ରଶରରେ ବନ୍ଧକ ରଖିଥିଲେ। ପରେ ସମ୍ଭବଙ୍କ ମା'ଙ୍କୁ ସେମାନେ ଫୋନ୍‌ରେ ୧୨ଲକ୍ଷ ଟଙ୍କା ମାଗିଲେ। ଟଙ୍କା ନ ଦେଲେ ହତ୍ୟା କରିବାକୁ ଧମକ ଦେଲେ। ଏ ନେଇ ମା' ଧରିତ୍ରୀ ସାମଲ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ୬ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ ନନ୍ଦିଘୋଷ ଆପାର୍ଟମେଣ୍ଟରେ ରହୁଥିବା ଦୀପକ କୁମାର ସ୍ୱାଇଁ, ହାତିବନ୍ଧସାହି ନିକଟ ରାମକୃଷ୍ଣ ନଗରର ସୂର୍ଯ୍ୟାଂଶୁ କର, ବିଶ୍ୱାସ ବିଷୋୟୀ, ଗୋଷାଣିନୂଆଗାଁ ଥାନା ହାଉସିଂ ବୋର୍ଡ କଲୋନୀର ରାମ ଓରଫ ନିମାନା ଭାର୍ଗବ, ନିମଖଣ୍ଡି ଥାନା ବାପୁଜୀ ନଗରର ରାଧାମାଧବ ପାଣିଗ୍ରାହୀ ଏବଂ ହିଞ୍ଜିଳି ଥାନା ଲକ୍ଷ୍ମୀପୁର ଗାଁର ବଂଶୀଧର ନାୟକ। ଅପହରଣ ବେଳେ ଅଭିଯୁକ୍ତଙ୍କ ବ୍ୟବହୃତ କାର ପୋଲିସ ଜବତ କରିଥିବା ବେଳେ ଅନ୍ୟ ଏକ କାର ମଧ୍ୟ ବ୍ୟବହାର ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଛି ବୋଲି ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ନିମଖଣ୍ଡି ଥାନା ଗୋବିନ୍ଦ ବିହାର ୭ମ ଲାଇନରେ ରହୁଥିବା ଧରିତ୍ରୀ ସାମଲଙ୍କ ପୁଅ ସମ୍ଭବ ଅଗଷ୍ଟ ୨ତାରିଖରୁ ହଠାତ ନିଖୋଜ ହୋଇଯାଇଥିଲେ। ବହୁ ଖୋଜା ଖୋଜି ପରେ ମଧ୍ୟ ତାଙ୍କର ସନ୍ଧାନ ମିଳିନଥିଲା। ପରେ ତାଙ୍କ ମା' ଧରିତ୍ରୀ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତିକରି ୨୫୫/୨୩ ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଜଣେ ପଡିଥିଲା ଯେ, ସମ୍ଭବ ଯୁକ୍ତ ଦୁଇ ପରୀକ୍ଷାରେ ଫେଲ୍ ହେବା ପରେ ଅନଲାଇନ୍ ଟ୍ରେଡିଂ ଆରମ୍ଭ କରିଥିଲେ। ଏହି ବ୍ୟବସାୟ ମାଧ୍ୟମରେ ସେ ଦୀପକ ସ୍ୱାଇଁଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ଅଭିଯୁକ୍ତ ଦୀପକଙ୍କ ଓ ଅନ୍ୟମାନଙ୍କ ଠାରୁ ଟଙ୍କା ଧାର ନେଇଥିଲେ, କିନ୍ତୁ ଫେରାଇବାରେ ବିଫଳ ହୋଇଥିଲେ। ଗତ ୨ତାରିଖ ଦିନ ସମ୍ଭବ ସହ ଏସଂପର୍କରେ କଥା ହେବା ପାଇଁ ଦୀପକ ଲାଞ୍ଜିପଲ୍ଲୀରେ ଥିବା ତାଙ୍କ ଅଫିସ ସାଥୀ ଇନଫ୍ରାକୁ ଡାକିଥିଲା। ସମ୍ଭବ ସେଠାରେ ପହଞ୍ଚିବା ପରେ ଦୀପକ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଅପହରଣ କରି ପୋଲସରା ଅଞ୍ଚଳରେ ଥିବା ଏକ କ୍ରଶରକୁ ନେଇଥିଲେ। ସେଠାରେ ରଖି ସମ୍ଭବକୁ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ପରେ ଅଟକ ଥିବା ଯୁବକଙ୍କ ମା'ଙ୍କୁ ଫୋନ୍ କରି ଦୀପକ ଟଙ୍କା ମାଗିଥିଲା। ଏହା ନଦେଲେ ସମ୍ଭବକୁ ଜୀବନରେ ମାରିଦେବାକୁ ସେ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପାଇବା ପରେ ପୋଲିସ୍ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ପୋଲିସ ମୋବାଇଲ ଟ୍ରାକିଂ ଜରିଆରେ ଅପହୃତ ସମ୍ଭବଙ୍କୁ ଉଦ୍ଧାର କରିବା ସହ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରବିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଚକ୍ଷୁ ପରୀକ୍ଷା ଶିବିର

ସୋରଡ଼ା,୬।୮(ଲମ୍ବୋଦର ପାଣିଗ୍ରହୀ)

ସୋରଡ଼ା ବ୍ଲକ ଆଦିବାସୀ ବହୁଳ ରାମନାବାଡ଼ିଠାରେ ସତ୍ୟ ଫାଉଣ୍ଡେଶନ ଓ ଦିବ୍ୟ ଦୃଷ୍ଟି ଡାକ୍ତରଖାନା ବ୍ରହ୍ମପୁର ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାକ୍ତର ଦଳ ୭୦ ରୋଗୀଙ୍କ ଚକ୍ଷୁ ପରୀକ୍ଷା ସହ ୧୫ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ରହ୍ମପୁର ନେଇଥିଲେ। ରାମନାବାଡ଼ି, ରୁବଙ୍ଗି, ଜିରାକୁଆ, ଗମ୍ଭାରିଗୁଡ଼ି ସମେତ ୧୦ ଖଣ୍ଡ ଗ୍ରାମର ରୋଗୀ ଯୋଗ ଦେଇଥିଲେ। ରାମଚନ୍ଦ୍ର ପଟ୍ଟନାୟକ, ଗ୍ରାମ୍ୟ ସଭାପତି ନାରାୟଣ ଗଉଡ଼, ରାମଚନ୍ଦ୍ର ବେହେରା, ସାମାଜିକ କର୍ମୀ ଶିବ ଦିଗାଳ, ଦେବୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଆକ୍ରମଣ କରିବାକୁ ଯାଇ ଚେଛା ଖାଇଲେ

### ୨ ମାମଲାରେ ୫ କୋର୍ଟ ଚାଲାଣ

ବ୍ରହ୍ମପୁର,୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ଜେଲ ଫେରନ୍ତା ଜଣେ ଅଭିଯୁକ୍ତ ଆକ୍ରମଣ କରିବାକୁ ଯାଇ ବିପକ୍ଷ ଗୋଷ୍ଠୀଙ୍କ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି। ୨ ଗୋଷ୍ଠୀର ଆକ୍ରମଣ ଓ ପ୍ରତିଆକ୍ରମଣ ନେଇ ଅଭିଯୋଗ ପ୍ରକାରେ ଟାଉନ ଥାନା ପୋଲିସ ୨ଟି ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଖଣ୍ଡା, ବାଇକ, ଭଙ୍ଗା ବିଅର ବୋତଲ ଓ ମାରଣାସ୍ତ୍ର ଜବତ କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ପୋଲିସ କହିଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର ରାତିରେ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ବିଜିପୁର ଅଞ୍ଚଳର ଏନ. କିରେନ କୁମାର ଓ ଖାଲାସୀ ସାହିର ଟୁନାଙ୍କ ଦାସ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଗତ ଏପ୍ରିଲ ୨୮ ତାରିଖ ରାତିରେ ଅନିଲ ଓ ତାଙ୍କ ସହଯୋଗୀମାନେ ଖାଲାସୀ ସାହିରେ ରହୁଥିବା ଟୁନାଙ୍କ ଉପରେ ବୋମା ପକାଇବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ନଂ.୧୬୦/୨୩ ରେ କିରେନ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିରେନ ଜୁଲାଇ ୨୫ରେ ସର୍ତ୍ତମୂଳକ ଜାମିନରେ ଆସିଥିଲେ। ସେ ତାଙ୍କ ସହଯୋଗୀ ଗତ ୪ ତାରିଖ ରାତି ୧୧ଟାରେ ଖାଲାସୀ ସାହିକୁ ଯାଇଥିଲେ। ଟୁନାଙ୍କୁ ସେଠାରେ ଦେଖି ଖଣ୍ଡା ବାହାର କରି ଆତଙ୍କ ଖେଳାଇଥିଲେ। ଏହି ସମୟରେ ଟୁନାଙ୍କ ସାନଭାଇ ରଘୁନାଥ ଦାସ ଓ ତାଙ୍କର କେତେଜଣ ସହଯୋଗୀ କିରେନଙ୍କୁ ଘେରିଯାଇ ସଂଘବଦ୍ଧ ଆକ୍ରମଣ କରିଥିଲେ। କିରେନ ଓ ତାଙ୍କ ସହଯୋଗୀମାନେ ବାଇକ ଛାଡ଼ି ସେଠାରୁ ଖସି ପଳାଇଥିଲେ। କିରେନଙ୍କ ଅଭିଯୋଗ ଅନୁସାରେ ପୋଲିସ ୩୦୯/୨୩ରେ ମାମଲା ରୁଜୁ କରି ରଘୁନାଥ, ତାଙ୍କ ଭାଇ ଟୁନା ଓ ୨ ସହଯୋଗୀ ବି. ଜଗଦୀଶ ଏବଂ ଏମ. ଅନିଲ କୁମାରଙ୍କୁ ଗିରଫ କରିଥିଲା। ସେହିପରି ରଘୁନାଥଙ୍କ ଅଭିଯୋଗ ଅନୁଯାୟୀ ମାମଲା ନମ୍ବର ୩୧୦/୨୨ରେ କିରେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ ଚାଲିଛି। ଏଥିରେ ଅନ୍ୟ ଯେଉଁମାନଙ୍କର ସମ୍ପୃକ୍ତି ଥିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି।

## ନାଟ୍ୟ ନିର୍ଦ୍ଦେଶକ ସଂଘର ବୈଠକ



ବୈଠକରେ ଉପସ୍ଥିତ ନାଟ୍ୟ ନିର୍ଦ୍ଦେଶକ।

ବ୍ରହ୍ମପୁର,୬।୮(ସ୍ମୃତି ରଂଜନ ମହାଲିକ୍)

ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘର ଏକ ବୈଠକ ରବିବାର ଶିଳ୍ପାଞ୍ଚଳସ୍ଥିତ ଶ୍ୟାମାକାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାଜ ଗୋପାଳ ପାଢୀ ସଭାପତିତ୍ୱ କରିଥିଲେ। ବୈଠକରେ ବନ୍ଧୁତ୍ୱ ଦିବସ ଉପଲକ୍ଷେ ଉପସ୍ଥିତ ନାଟ୍ୟ ନିର୍ଦ୍ଦେଶକମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ନିୟମିତ ସଭ୍ୟଙ୍କ ଉପସ୍ଥିତି, ଡିସେମ୍ବରରେ ବାର୍ଷିକ ଉତ୍ସବ ପାଳନ ସହିତ ସଂଘକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ନିର୍ଦ୍ଦେଶକମାନେ ବୈଠକରେ ମତ ରଖିଥିଲେ। ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା ପୂର୍ବ ବିବରଣୀ ପାଠ କରିଥିବା ବେଳେ ଯୋଗେନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ର, ରମେଶ ମହାରଣା, ଦେବେନ୍ଦ୍ର ଶର୍ମା, ରବୀନ୍ଦ୍ର ପାଢ଼ୀ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଗୋପାଳ ଚର୍ଚ୍ଚି, ଭାସ୍କର ସେନାପତି, ଭାଗିରଥି ସ୍ୱାଇଁ, ପଙ୍କଜ ବାରିକ, ଦୀନବନ୍ଧୁ ଶତପଥୀଙ୍କ ସମେତ ଜିଲାର ବହୁ ନାଟ୍ୟ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ଗଞ୍ଜାମର ୬ ବିଧାନସଭା ଆସନରେ ଲଢ଼ିବ ସିପିଆଇ

ବ୍ରହ୍ମପୁର,୬।୮(ନରସିଂହ ସାହୁ)

- ଆସିକା ଲୋକ ସଭା ପାଇଁ ପ୍ରାର୍ଥୀ ଦେବ
- ଜିଲା କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି

ଗଞ୍ଜାମ ଜିଲା ସିପିଆଇ କାର୍ଯ୍ୟକାରୀ କମିଟି ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ଆସିକା ଲୋକସଭା ସମେତ ୬ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏହି ଆସନଗୁଡ଼ିକ ମଧ୍ୟରେ ଛତ୍ରପୁର, ସାନଖେମୁଣ୍ଡି, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ପୋଲସରା ଓ ଆସିକା ରହିଛି। ବୈଠକ ପରେ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଏହି ସୂଚନା ଦେଇଛନ୍ତି। ଭାଜପାକୁ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ସେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ ଅତୀତରେ ଏହି ଜିଲାରେ ସିପିଆଇର ଦବଦବା ଥିଲା। ଇତିମଧ୍ୟରେ ହୋଇଥିବା ୧୬ ବିଧାନସଭା ନିର୍ବାଚନ ମଧ୍ୟରୁ କେବଳ ଛତ୍ରପୁରରୁ ୮ ଥର କମ୍ୟୁନିଷ୍ଟ ବିଧାୟକ ହୋଇଥିବା ତଥ୍ୟ ରହିଛି। ସେହିପରି ଆସିକାରୁ ୫ ଥର, କବିସୂର୍ଯ୍ୟନଗରରୁ ୫ ଥର ସିପିଆଇ ପ୍ରାର୍ଥୀମାନେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ଅନ୍ୟ ବିଧାନସଭା କ୍ଷେତ୍ରରୁ ଲଢ଼ି ପରାଜିତ ହୋଇଥିବା ପ୍ରାର୍ଥୀମାନେ ଆଶାନୁରୂପ ଭୋଟ ପାଇଥିଲେ। ୨୦୧୯ ନିର୍ବାଚନରେ ଆସିକା ସଂସଦୀୟ କ୍ଷେତ୍ରରୁ ବରିଷ୍ଠ ନେତା ରାମକୃଷ୍ଣ ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କଂଗ୍ରେସ ଦଳ ସହ ସିପିଆଇର ମେଣ୍ଟ ହୋଇଥିଲା। ୧୯୭୧ ନିର୍ବାଚନରେ ଆସିକା ଲୋକସଭା କ୍ଷେତ୍ରରୁ ସିପିଆଇରୁ ସ୍ୱର୍ଗତ ଦ୍ୟୁତିକୃଷ୍ଣ ପଣ୍ଡା ଏମପି ହୋଇଥିଲେ। ପାର୍ଟି ସଂଗଠନ ପୁଣି ସୁଦୃଢ଼ ପାଇଁ ଆଗାମୀ ନିର୍ବାଚନରେ ଉପରୋକ୍ତ ଆସନରେ ପ୍ରାର୍ଥୀ ଦିଆଯିବାର ନିଷ୍ପତ୍ତି ହୋଇଥିବା କୁହାଯାଇଛି।

ବୈଠକରେ ଅନ୍ୟ ପ୍ରସଙ୍ଗ ମଧ୍ୟରେ ଗୋପାଳପୁର ବନ୍ଦର ଭିତ୍ତିକ ଟାଟା କମ୍ପାନୀର ଇସ୍ପାତ କାରଖାନା ପାଇଁ ଜବରଦସ୍ତ ଘରୋଇ ଜମି ଅଧିଗ୍ରହଣ ବିରୋଧରେ ହୋଇଥିବା ବୃହତ୍ତ ଚାଷୀ ଆନ୍ଦୋଳନ ବେଳେ ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ମାମଲାର ବିଚାର କରି ଅଦାଲତ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡିଙ୍କ ସମେତ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିପାଇଁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଆସନ୍ତା ସେପ୍ଟେମ୍ବର ୩ ଓ ୪ ତାରିଖ ଦୁଇଦିନ ଧରି ଛତ୍ରପୁର ଓ ବ୍ରହ୍ମପୁରରେ ଜିଲାସ୍ତରୀୟ କର୍ମୀ ସମାବେଶ କରାଯିବାର ସ୍ଥିର ହୋଇଛି। ରାଜୀବ ଲୋଚନ ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଶାନ୍ତ ପାଇଯୋଶୀ, ଶ୍ରୀହର୍ଷ ରଥ, କାମଦେବ ନାହାକ, ପ୍ରଦୀପ ସେଠୀ, ଦଣ୍ଡପାଣି ସାମଲ, ଜନାର୍ଦ୍ଦନ ରେଡ଼ି ପ୍ରମୁଖ ଯୋଗ ଦେଇଥିଲେ।



ସିପିଆଇ କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥିତ ନେତାମାନେ।

